# ବନ୍ୟା ପରିସ୍ଥିତିରେ ବୈଦ୍ୟୁତିକ ସୁରକ୍ଷାକୁ ଟିପିଏନ୍‌ଓଡିଏଲର ଗୁରୁତ୍ୱ



ବାଲେଶ୍ୱର,୨୮।୭(ସମିସ): ଉତ୍ତର ଓଡ଼ିଶାରେ ଜାରି ରହିଥିବା ବନ୍ୟା ପରିସ୍ଥିତିରେ ମଧ୍ୟ ଟିପିଏନଓଡିଏଲର କର୍ମଚାରୀମାନେ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ପ୍ରଭାବିତ ବିଦ୍ୟୁତ୍ ଭିତ୍ତିଭୂମି ସ୍ୱାଭାବିକ କରିବା ପାଇଁ ଅହୋରାତ୍ର ପ୍ରୟାସ ଜାରି ରଖିଛନ୍ତି। ଲଗାଣ ବର୍ଷା ଯୋଗୁ ଜଳାର୍ଣ୍ଣବ ତଳିଆ ଅଞ୍ଚଳ ଓ ଅଧିକାଂଶ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ନଈ ନାଳରେ ସରୀସୃପଙ୍କ ଭୟ। ଧାନ ବିଲରେ ମିଳୁନି ରାସ୍ତା। ପାଦେ ପାଦେ ରହିଛି ବିପଦ। ପାଣି କାଦୁଅରେ ପାଦ ସଳଖି ଛିଡ଼ା ହେବା କଷ୍ଟ। ହେଲେ ଏପରି ସ୍ଥିତିରେ ବି ଓଜନିଆ ବିଦ୍ୟୁତ ଖୁଣ୍ଟି ବୁହା ହେଉଛି। ତାର, ଶଙ୍ଖ ଭଳି ଭାରି ସାମଗ୍ରୀ କର୍ମଚାରୀ କାନ୍ଧେଇ ନେଉଛନ୍ତି। ମରାମତିରେ ମାତିଛନ୍ତି। ବିଶେଷତଃ ଜଳମଗ୍ନ ଅଞ୍ଚଳକୁ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବାବେଳେ ସ୍ଥିତି ସ୍ୱାଭାବିକ ହେବା କ୍ଷଣି ବିଦ୍ୟୁତ୍ ପୁନଃ ସଂଯୋଗ କରାଯାଉଛି। ଉପଭୋକ୍ତାଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ଟିପିଏନଓଡିଏଲ୍ ଗୁରୁତ୍ୱ ଦେବା ସହ ଉପଭୋକ୍ତା, କର୍ମଚାରୀଙ୍କ ପାଇଁ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରିଛି। ବନ୍ୟା ପରିସ୍ଥିତିରେ ଦେଖାଦେଉଥିବା ବିଦ୍ୟୁତ୍ ଜନିତ ଘଟଣାଗୁଡ଼ିକୁ ନଜରରେ ରଖି କେତେକ ସରଳ ପ୍ରତିଷେଧମୂଳକ ପଦକ୍ଷେପ ପ୍ରତି ଧ୍ୟାନ ଦେବାକୁ ମଧ୍ୟ ଟିପିଏନଓଡ଼ିଏଲ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜଳମଗ୍ନ କିମ୍ବା ମିଟର କ୍ୟାବିନ୍‌ରେ ଲିକେଜ୍ ଭଳି ଘଟଣାରେ ମେନ୍ ସ୍ୱିଚ୍‌କୁ ବନ୍ଦ କରିବା, ଓ୍ୟାରିଂରେ କିଛି ପରିବର୍ତ୍ତନ ହୋଇଥିଲେ ତାକୁ ଭଲ ଭାବେ ଯାଞ୍ଚ କରିବା, ଜଣେ ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ତାହା ପରୀକ୍ଷା କରିବାକୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। କୌଣସି ବିଦ୍ୟୁତ୍ ଭିତ୍ତିଭୂମିକୁ ଓଦା ହାତରେ ସ୍ପର୍ଶ ନ କରିବା, ଅନୁମୋଦିତ ଲୋଡ୍‌ଠାରୁ ଅଧିକ ବିଦ୍ୟୁତ୍ ବ୍ୟବହାର ନ କରିବାକୁ ମଧ୍ୟ କୁହାଯାଇଛି। ତଳେ ପଡ଼ିଥିବା ବିଦ୍ୟୁତ୍ ତାର ଉପରେ ଗାଡ଼ି ନ ଚଲାଇବା, ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟ କିମ୍ବା ବଣ୍ଟନ ସ୍ତମ୍ଭରେ ଯଦି କୌଣସି ସ୍ପାର୍କ ଦେଖାଯାଉଛି; ତେବେ ତାକୁ ସ୍ପର୍ଶ ନ କରି ଉପଭୋକ୍ତା ସହାୟତା ନମ୍ବରରେ ଯୋଗାଯୋଗ କରିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦର୍ଶାଯାଇଛି। ସେହିପରି ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ସହିତ ଯେକୌଣସି ପ୍ରକାର ଅଭାବନୀୟ ଘଟଣାର ସୂଚନା ଦେବା ଲାଗି ଟିପିଏନ୍‌ଓଡିଏଲ୍ ପକ୍ଷରୁ କୁହାଯାଇଛି। ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସହାୟତା ପାଇଁ ଉପଭୋକ୍ତା ସହାୟତା ନମ୍ବର ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨କୁ କଲ୍ କରିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ କୁହାଯାଇଛି। ଫଳ ସ୍ୱରୂପ ବର୍ଷା ଋତୁରେ ବିଦ୍ୟୁତ୍ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ଓ ଧନଜୀବନ ସୁରକ୍ଷିତ ରହି ପାରିବ ବୋଲି ଟିପିଏନଓଡିଏଲ ଦର୍ଶାଇଛି।

# ସୁବର୍ଣ୍ଣରେଖା ଜଳସ୍ତର ଖସୁଛି, ଦୁର୍ଦ୍ଦଶା ବଢୁଛି

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨୮।୭ (ସମିସ)





**ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ, ଜିଲ୍ଲାପାଳ ଓ ଏସ୍‌ପି**

ସୁବର୍ଣ୍ଣରେଖାରେ ଜଳସ୍ତର କ୍ରମଶଃ ଖସୁଛି। ମାତ୍ର ଭୋଗରାଇ ବ୍ଲକର ତଳିଆ ଅଞ୍ଚଳରେ ଥିବା ଗାଁ ଗୁଡ଼ିକରେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ଫଳରେ ନଦୀକୂଳିଆ ୨ ପଞ୍ଚାୟତର ୧୦ଟି ଗାଁ ସହିତ ତଳିଆ ଅଞ୍ଚଳ କୁହାଯାଉଥିବା ଅନ୍ୟ ୮ ପଞ୍ଚାୟତର ୪୦ ଗ୍ରାମ ଏବେ ଜଳଘେରରେ ରହିଛି। ଲୋକଙ୍କ ଘରେ ପାଣି ପଶିଯାଇଛି। ୫ହଜାରରୁ ଅଧିକ ଲୋକେ ପ୍ରଭାବିତ ହୋଇଛନ୍ତି।

ପ୍ରକାଶ ଯେ, ଲଘୁଚାପଜନିତ ବର୍ଷା ପ୍ରଭାବରେ ନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ପାଇଁ ଝାଡ଼ଖଣ୍ଡର ବ୍ୟାରେଜ ଗୁଡ଼ିକର ଗେଟ୍ ଖୋଲାଯିବାରୁ ଏକ ସପ୍ତାହ ମଧ୍ୟରେ ଏହି ନଦୀରେ ଦୁଇ ଥର ବନ୍ୟା ସୃଷ୍ଟି ହୋଇଛି। ଗାଲୁଡ଼ିହ ଜଳାଧାରରୁ ୧୩ଟି ଗେଟ ଖୋଲାଯାଇ ଥିବାରୁ ଘଣ୍ଟାକୁ ୫୧ ୬୯. ୦୯ ଲକ୍ଷ କ୍ୟୁସେକ ବନ୍ୟା ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ନଦୀର ରାଜଘାଟ ଠାରେ ବନ୍ୟାଜଳ ବିପଦ ସଂକେତ ୧୦.୩୬ ଟପି ପ୍ରବାହିତ ହୋଇଥିଲା। ମାତ୍ର ଆଜି ଅପରାହ୍ନ ୩ଟା ସୁଦ୍ଧା ଏଠାରେ ଜଳସ୍ତର ୯.୫୦ କୁ ହ୍ରାସ ପାଇଛି। ମାତ୍ର ଏହି ବନ୍ୟା ଜଳ ଭୋଗରାଇ ବ୍ଲକର ୧୦ପଞ୍ଚାୟତର ପ୍ରାୟ ୫୦ରୁ ଅଧିକ ଗ୍ରାମରେ ପ୍ରବେଶ କରିଛି। ଚଳିତ ମାସ ଏହାକୁ ମିଶାଇ ଅଦ୍ୟାବଧି ସୁବର୍ଣ୍ଣରେଖାରେ ୫ମ ଥର ବନ୍ୟା ଆସିବାରୁ ଭୋଗରାଇ ବ୍ଲକର ତଳିଆ ଅଞ୍ଚଳର ଲୋକଙ୍କ ଜନଜୀବନ ଦୁର୍ବିସହରେ କଟୁଛି । ଏହି ସବୁ ଅଞ୍ଚଳରେ ପୂର୍ବରୁ ପଶିଥିବା ବନ୍ୟାଜଳ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇ ନ ଥିବା ବେଳେ ପୁଣି ଏଥର ବନ୍ୟାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକର ଆରୁହାବୃତି-୧ ପଞ୍ଚାୟତର ମନୁନଗର, ନଥିପୁର, ଆରୁହାବୃତ୍ତି,ବାର ବାଟିଆ, ହରିଣକୁଳି, ଖରିଦପିପଳ ପଞ୍ଚାୟତ ର ଆରୁହା ବୃତ୍ତି-୨, ଖରିଦପିପଳ, ନାଚିନ୍ଦା ପଞ୍ଚାୟତ ର ମହମ୍ମଦପୁର,ଜଳଧା, ବାଗ, ଖରିଦଚକ, ରଘୁଚକ, ନିଶ୍ଚିନ୍ତଡିହା, ନାଚିନ୍ଦା, ଡେଉଁର, କୁସୁଡ଼ା ପଞ୍ଚାୟତର ଗୁଜଡିହା, କୁସୁଡ଼ା, ଚକ ଗୁଜଡିହା, ଗବଗାଁ ପଞ୍ଚାୟତର ଚିରକୁଲା, ଗବଗାଁ, କୃଷ୍ଣପୁର, ଦୋବାଡ଼ିଆ, କୁମ୍ଭୀରଗଡ଼ି ପଞ୍ଚାୟତର ବାଉଁସଖଣା,କୁହ୍ଲା, ଅଡଙ୍ଗ ପନ୍ତେଇ, କୁମ୍ଭୀରଗଡ଼ି ଇତ୍ୟାଦି ଗାଁ ସହିତ ଜୟରାମପୁର, ପୁଟିଣା, ଦାରୁହା, କଟୁଆଡ଼ି,କୁଳିଦା, ମହାଗବ ଇତ୍ୟାଦି ପଞ୍ଚାୟତର ତଳିଆ ଗାଁ ଗୁଡ଼ିକରେ ପୁଣି ବନ୍ୟା ଜଳ ପ୍ରବେଶ କରିଥିବାରୁ ଲୋକେ ଘରକୁ ବାହାରକୁ ବାହାରିବା ସମ୍ଭବ ହୋଇପାରୁ ନାହାନ୍ତି। ଏପରିକି ନାଚିନ୍ଦା-ବାରବାଟିଆ ପ୍ରଧାନମନ୍ତ୍ରୀ ସଡ଼କ, ଦାହାର୍ଦ୍ଦା-ଚିରକୁଲା ସଡ଼କ ସହିତ ଅନେକ ଗାଁ ରାସ୍ତା ଆଂଶିକ ଭାବେ ଜଳରେ ବୁଡିଯାଇଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କ୍ରମାଗତ ବନ୍ୟା ଫଳରେ ଚଳିତ ବର୍ଷ ଏହିସବୁ ଅଞ୍ଚଳର ପ୍ରାୟ ୮ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ପ୍ରଭାବିତ ହୋଇଛି। ପ୍ରଥମ ବନ୍ୟାରେ ଏକର ଏକର ଧାନ ତଳି ବୁଡିଯାଇ ନଷ୍ଟ ହୋଇଥିଲା ବେଳେ ଚାଷୀମାନେ ପୁଣି ତଳି ପକାଇବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏହି ବନ୍ୟାରେ ଆଉ ଧାନ ତଳି ପକାଇବା ସମ୍ଭବ ହେବନାହିଁ। ଫଳରେ ଖରିଫ ଧାନ ଚାଷ କରିବାରେ ବିଳମ୍ବ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ସରକାରଙ୍କ କୃଷି ବିଭାଗ ପକ୍ଷରୁ କ୍ଷତି ଗ୍ରସ୍ତ ଚାଷୀ ମାନଙ୍କୁ ମାଗଣାରେ ସ୍ୱଳ୍ପ ଦିନିଆ ଚାଷ ହୋଇପାରୁଥିବା ବିହନ ଯୋଗାଇ ଦେବାକୁ ଦାବି ହୋଇଛି। ବାରମ୍ବାର ବନ୍ୟା ଆସିବା ଫଳରେ ଏହି ସବୁ ଅଞ୍ଚଳର ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ବଢ଼ାଇ ଦେଇଛି। ସରକାର ସମସ୍ତଙ୍କୁ ରିଲିଫ ସାମଗ୍ରୀ ଯୋଗାଇଦେଇଥିବା କହୁଥିବା ବେଳେ ବାସ୍ତବରେ ଗ୍ରାଉଣ୍ଡ ଜିରୋରେ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚି ପାରୁନାହିଁ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କୁମ୍ଭୀରଗଡ଼ି, ଆରୁଆବୃତ୍ତି, ଗବଗାଁ କୁସୁଡା, କଟୁଆଡି, କୁଳିଦା ଆଦି ପଞ୍ଚାୟତ ବୁଲି ଲୋକମାନଙ୍କ ସମସ୍ୟା ବୁଝିବା ସହିତ ଶୁଖିଲା ଖାଦ୍ୟ ସହିତ ପାଣି ବୋତଲ ବାଣ୍ଟି ଥିଲେ। ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷ ଏବଂ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବନ୍ୟା ପାଣିର ସ୍ଥାୟୀ ନିରାକରଣ ପାଇଁ ଲୋକମାନଙ୍କ ସହିତ ଆଲୋଚନା କରିଛନ୍ତି। ଦୁର୍ବଳ ନଦୀ ବନ୍ଧ ମରାମତି ଏବଂ ଆବଶ୍ୟକ ସ୍ଥଳେ ବାଲିବସ୍ତା ପକାଇବା ପାଇଁ ସେଚ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂଙ୍କ ସହିତ ଆଲୋଚନା କରିଛନ୍ତି। ସେଚ କର୍ମଚାରୀ ମାନଙ୍କୁ ନଦୀ ବନ୍ଧରେ ୨୪ ଘଣ୍ଟିଆ ପହରା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ବେଳେ ସେଚ ବିଭାଗର ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମଥ କୁମାର ଦେ, ଡାକ୍ତର ସିଂ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳ ପ୍ରଦୀପ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସପି ରାଜ ପ୍ରସାଦ ବନ୍ୟା ମୁକାବିଲା ନିମନ୍ତେ ବିଭିନ୍ନ ପଞ୍ଚାୟତ ବୁଲିବା ସହିତ ସମସ୍ତ ଉଦ୍ଧାରକାରୀ ଦେଶୀ ଡ଼ଙ୍ଗା, ଓଡ୍ରାଫ, ଏନଡିଆରଏଫ ଓ ଅଗ୍ନିଶମ ବିଭାଗକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ପରିଦର୍ଶନ ବେଳେ ଭୋଗରାଇ ବିଡିଓ ପ୍ରଶାନ୍ତ ମହାରଣା, ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ଓ ଭୋଗରାଇ ବ୍ଲକର ଅଧିକାଂଶ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ।

# ପ୍ରଶାସନିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ସାଧାରଣ ଲୋକ

ଖଇରା,୨୮ ।୭ (ସମିସ): ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସୋମବାର ନିଜର ଶତାଧିକ ସମର୍ଥକଙ୍କ ସହ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଆଇଆଇସି ସୁଚନ୍ଦ୍ର ମହାଲିକଙ୍କୁ ଭେଟି କିଭଳି ସର୍ବନିମ୍ନ ସୁବିଧା ସାଧାରଣ ଲୋକଙ୍କୁ ମିଳି ପାରିବ ସେ ବିଷୟରେ ଆଲୋଚନା କରିଛନ୍ତି। ପ୍ରଥମେ ତହସିଲଦାରଙ୍କୁ ଭେଟି ବର୍ତ୍ତମାନ ଧାନ ଅନଲାଇନ ପଞ୍ଜୀକରଣରେ ଚାଷୀ ଭୋଗୁଥିବା ସମସ୍ୟା ପ୍ରସଙ୍ଗ ଉଠାଇ କିଭଳି ରାଜସ୍ୱ ନିରୀକ୍ଷକ ମାଧ୍ୟମରେ ବଂଶାବଳୀ ପ୍ରମାଣପତ୍ର ତଥା ଅନ୍ୟାନ୍ୟ ବିଷୟ ରେ ସହଯୋଗ ମିଳିବ ସେଥିପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ବର୍ତ୍ତମାନ ୧୨ଟି ରାଜସ୍ୱ କ୍ଷେତ୍ର ମଧ୍ୟରୁ ୬ କ୍ଷେତ୍ର ରେ ନିରୀକ୍ଷକ ନଥିବାରୁ କିଛିଟା ସମସ୍ୟା ସୃଷ୍ଟି ହେଉଥିବା ତହସିଲଦାର କହିଥିଲେ। ପରେ ଶ୍ରୀବେହେରା ଆଇଆଇସିଙ୍କୁ ଭେଟି ବର୍ତ୍ତମାନ ଖଣି ବନ୍ଦ ଥିବା ବେଳେ କିଭଳି ଟନ ଟନ ମାଲ ଚୋରାରେ ଚାଲାଣ ହେଉଛି ସେ ପ୍ରସଙ୍ଗ ଉଠାଇବା ସହ ପାଣିସିଆଳି ଗ୍ରାମରେ ୧୪ବର୍ଷର ନାବାଳିକା ଅପହରଣ ହେବାର ଦୀର୍ଘଦିନ ପରେ ପୁଲିସ ନିରବ ରହିବା ଘଟଣା ସମ୍ପର୍କରେ ପୁଲିସ ତୁରନ୍ତ ଉକ୍ତ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ବ୍ଲକ କଂଗ୍ରେସ ସଭାପତି ଶରତ ଦାସ, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ବସନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



**ଆଇଆଇସି ଓ ତହସିଲଦାରଙ୍କୁ ଭେଟିଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ**

# ପୋଖରୀରେ ପଡ଼ି ଶିଶୁକନ୍ୟା ମୃତ

ବାଲେଶ୍ୱର,୨୮।୭(ସମିସ): ସଦର ବ୍ଲକ ଅନ୍ତର୍ଗତ ସାଉଁ ଗ୍ରାମରେ ପୋଖରୀରେ ପଡି ଜଣେ ଅଢ଼େଇ ବର୍ଷ ଶିଶୁକନ୍ୟାର ମୃତ୍ୟୁ ହୋଇଯାଇଛି। ମୃତ ଶିଶୁ ଜଣକ ନୀଳଗିରି ଅଞ୍ଚଳର ଭରତ ସିଂଙ୍କ ଝିଅ ସୁବନ୍ୟା ସିଂ। ଶିଶୁ କନ୍ୟାଟି ସାଉଁ ଗ୍ରାମରେ ଥିବା ଅଜା ଘରକୁ ବୁଲିବା ପାଇଁ ଆସିଥିଲେ। ଶିଶୁଟି ଘର ବାଡ଼ିରେ ଖେଳୁଥିବା ସମୟରେ ନିକଟରେ ଥିବା ପୋଖରୀରେ ଅସାବଧାନତା ହେତୁ ଖସି ପଡ଼ିଥିଲେ। ଫଳରେ ବହୁତ ସମୟ ପର୍ଯ୍ୟନ୍ତ ଶିଶୁଟି ଘରକୁ ନ ଫେରିବାରୁ ତାକୁ ଖୋଜାଖୋଜି ସମୟରେ ପୋଖରୀରେ ଭାସୁଥିବା ଥିବା ଦେଖି ସ୍ଥାନୀୟ ଲୋକ ଉଦ୍ଧାର କରି ବାଲେଶ୍ୱର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଶୁ କନ୍ୟାକୁ ମୃତ ଘୋଷଣା କରିଥିଲେ।

**ଶ୍ରାବଣର ତୃତୀୟ ସୋମବାରରେ ଭକ୍ତମୟ ଚନ୍ଦନେଶ୍ୱରଙ୍କ ପୀଠ**

# ୩୦ ହଜାରରୁ ଅଧିକ କାଉଡିଆ ଭକ୍ତଙ୍କ ସମାଗମ



ଚନ୍ଦନେଶ୍ୱର, ୨୮।୭ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଚନ୍ଦନେଶ୍ୱର ଜୀଉଙ୍କ ପୀଠରେ ଶ୍ରାବଣର ତୃତୀୟ ସୋମବାରରେ ହଜାର ହଜାର କାଉଡିଆ ଭକ୍ତଙ୍କ ସମାଗମରେ ପୀଠ ଭକ୍ତମୟ ହୋଇଯାଇଛି । ଆଜି ସକାଳେ ସେବାୟତମାନଙ୍କ ଦ୍ୱାରା ଚନ୍ଦନେଶ୍ୱର ଜୀଉଙ୍କର ବିଶେଷ ପୂଜାର୍ଚ୍ଚନା ପରେ ଭକ୍ତ ମାନଙ୍କ ଦର୍ଶନ ପାଇଁ ମନ୍ଦିର ଫିଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଭକ୍ତମାନେ ଲମ୍ବା ଧାଡ଼ିରେ ଶ୍ରୀ ଜିଉଙ୍କର ଦର୍ଶନ କରିବା ସହିତ ଜଳାଭିଷେକ କରିଥିଲେ। ବିଶେଷ କରି ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ, କଟକ, ଅନୁଗୁଳ, ଭୁବନେଶ୍ୱର ସମେତ ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲାର କଣ୍ଠାଇ, ଦାନ୍ତୁଣ, କୁଡି, ଦୀଘା, ରାମନଗର, ବସନ୍ତପୁର ପ୍ରଭୃତି ଅଞ୍ଚଳରୁ ୩୦ହଜାରରୁ ଉଦ୍ଧ୍ୱର୍ କାଉଡିଆ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ ଓ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ୨ ପ୍ଲାଟୁନ ଫୋର୍ସ, ୪ ଜଣ ଏଏସଆଇ, ୬ ଜଣ ସବଇନ୍ସପେକ୍ଟର ନିୟୋଜିତ ହୋଇଥିବା ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା ବେହେରା ପ୍ରକାଶ କରିଛନ୍ତି। ମୌରସି ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା, ଜଳେଶ୍ୱର ଏସଡ଼ିପିଓ ସୁବ୍ରତ ବେହେରା, ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ବାଇକ୍ ଧକ୍କାରେ ସାଇକଲ ଆରୋହୀ ମୃତ

ଚନ୍ଦନେଶ୍ୱର, ୨୮।୭ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସୀମାନ୍ତ ସାହାବାଜିପୁର ଗାଁର ଜଣେ ଯୁବକଙ୍କ ବାଇକ ଧକ୍କାରେ ମୃତ୍ୟୁ ହୋଇ ଯାଇଛି। ମୃତ ଯୁବକ ଜଣକ ହେଲେ ରମାକାନ୍ତ ଦଳପତି(୪୩)। ସାହାବାଜିପୁର ଗାଁର ରମାକାନ୍ତ ଦଳପତି ପଡ଼ୋଶୀ ପଶ୍ଚିମବଙ୍ଗର ସୈକତ ନଗରୀ ଦୀଘାରେ ପକ୍କାଘରର ଟାଇଲସ ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଗତ ରବିବାର କାମ ସାରି ଦିନ ପ୍ରାୟ ୩ଟା ସମୟରେ ସାଇକଲରେ ଘରକୁ ଫେରୁଥିବା ବେଳେ ଦୀଘାଶ୍ରୀ ନିକଟରେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରମାକାନ୍ତ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇ ମୁଣ୍ଡରେ ଆଘାତ ଲାଗି ଖଣ୍ଡିଆ ଖାବରା ହୋଇଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଦୀଘା ଷ୍ଟେଟ ଜେନେରାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ନେଇ ଯାଉଥିଲା ବେଳେ ବାଲେଶ୍ୱର ନିକଟବର୍ତ୍ତୀ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବିଳମ୍ବିତ ରାତିରେ ମୃତ ଦେହକୁ ଦୀଘା ଫେରାଇ ଆଣିବା ପରେ ସୋମବାର ପଶ୍ଚିମବଙ୍ଗର କାନ୍ଥିସ୍ଥିତ ଦାରୁହା ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଦୀଘା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

# ଦୋକାନରେ ଗୋଡ଼ହାତ ବନ୍ଧା ନାବାଳକ ଉଦ୍ଧାର

ଜଳେଶ୍ୱର,୨୮।୭ (ସମିସ): ଜେକେ ଭଟ୍ଟର ହସ୍ପିଟାଲ ସମ୍ମୁଖ ଏକ ଦୋକାନରେ ଜଣେ ନାବାଳକର ଗୋଡ଼ ହାତ ବାନ୍ଧି ରଖିଥିବାବେଳେ ଜଳେଶ୍ୱର ତହସିଲଦାର ପିଲାଟିକୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଛନ୍ତି। ନଛିମପୁର ପଞ୍ଚାୟତ ଆମ୍ବିଳିଅଠା ଗ୍ରାମର ବୈଦ୍ୟନାଥ ପରିଡ଼ାଙ୍କ ଏକାଦଶାହ କ୍ରିୟାକୁ ଯୋଗ ଦେବା ପାଇଁ ଚମାର ଗ୍ରାମର ସତ୍ୟଜିତ ଗିରି ବାପା ମାଁ ଙ୍କ ସହିତ ଆସିଥିଲେ। କିନ୍ତୁ କୌଣସି କାରଣରୁ ପିଲାଟି ସାଇକଲ ଧରି ଜଳେଶ୍ୱର ପଳାଇ ଯାଉଥିଲା ବେଳେ ଜିକେ ଭଟ୍ଟର ହସ୍ପିଟାଲ ସମ୍ମୁଖରେ କେତେକ ଯୁବକ ଶିଶୁର ହାତ ଗୋଡ ବାନ୍ଧି ମାଡ଼ ମାରିଥିଲେ। ସୂଚନା ପାଇ ତହସିଲଦାର ସତ୍ୟଜିତ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଆହତ ଶିଶୁକୁ ଉଦ୍ଧାର କରି ଜଳେଶ୍ୱର ଥାନାରେ ଜିମା ଦେଇଛନ୍ତି। କିନ୍ତୁ କେତେକ ଯୁବକ ତହସିଲଦାରଙ୍କୁ ଦୁର୍ବ୍ୟବହାର କରିବା ସହିତ ହସ୍ପିଟାଲ ସମ୍ମୁଖରେ ହୋହଲ୍ଲା କରୁଥିବାବେଳେ ପୁଲିସ ସେମାନଙ୍କୁ ଉଠାଇ ନେଇଥିବା ସୂଚନା ମିଳିଛି।

# ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ

ବାଲେଶ୍ୱର,୨୮।୭(ସମିସ): ସଂପ୍ରତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶନାମା ଅନୁଯାୟୀ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇଛି। ଏହି କମିଟି ଭାରତ ସରକାରଙ୍କ ୨୦୧୩ ନିୟମ ଅନୁଯାୟୀ କାର୍ଯ୍ୟ କ୍ଷେତ୍ରରେ ମହିଳା ଓ ଛାତ୍ରୀ ମାନଙ୍କ କ୍ଷେତ୍ରରେ ଯୌନ ନିର୍ଯାତନା ଓ ଶୋଷଣ ଜନିତ ଅଭିଯୋଗକୁ ଗ୍ରହଣ କରି ନିରପେକ୍ଷ ଭାବେ ତଦନ୍ତ କରିବା ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଧ୍ୟକ୍ଷଙ୍କୁ କମିଟି ପକ୍ଷରୁ ମନ୍ତବ୍ୟ ଦେବା ଏବଂ ତଦନ୍ତ ରିପୋର୍ଟକୁ କମିଟି ଗୋପନୀୟ ରଖିବା ପାଇଁ କୁହାଯାଇଛି। ଆଇସିସିର ରିପୋର୍ଟ ଅନୁସାରେ ଅଧକ୍ଷ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବେ ଓ ଏ ବାବଦରେ ନିଜ ବିଭାଗୀୟ ଉପରିସ୍ଥ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବେ। ଏହି କମିଟିରେ ମୁଖ୍ୟ ଅଧିକାରିଣୀ ଭାବେ ବରିଷ୍ଠ ଅଧାପିକା ଡକ୍ଟର ସୋନାଲିସା ମହାନ୍ତି, ବାଣିଜ୍ୟ ବିଭାଗର ମୁଖ୍ୟ, ସଦସ୍ୟ ଭାବରେ ଅଧାପିକା ଡ. ଅଞ୍ଜନା ବେହେରା, ତର୍କ ଶାସ୍ତ୍ର ଓ ଦର୍ଶନ ବିଭାଗ ମୁଖ୍ୟ, ଡକ୍ଟର ତପସ୍ୱିନୀ ନାଏକ, ସଂସ୍କୃତ ବିଭାଗ ମୁଖ୍ୟ, ମନସ୍ୱିନୀ ବେହେରା, ଉଭିଦ ବିଜ୍ଞାନ ବିଭାଗ ମୁଖ୍ୟ, ସୁଲୋଚନା ସିଂ, ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ, ଐଶର୍ଯ୍ୟା ଦେଓ, ଜୁନିୟର ଆସିଷ୍ଟାଣ୍ଟ, ଡ. ସୁଜାତା ପଣ୍ଡା, ସାଧନା ଇଣ୍ଟରନ୍ୟାସନାଲ୍ ବେସରକାରୀ ଅନୁଷ୍ଠାନ ର ସେକ୍ରେଟାରୀ ଓ ବିଶିଷ୍ଟ ନାରୀ ନେତ୍ରୀ ଏବଂ ସମାଜସେବୀ, +୨ ଦ୍ୱିତୀୟ ବର୍ଷ କଳାର ଛାତ୍ରୀ ନିକିତା ରାୟ, ଆରାଶ୍ରୀ ଦାସ ଅଧିକାରୀ ଓ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗ ଛାତ୍ରୀ ବୈଭବୀ ପାଣ୍ଡେ ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ଏହି କମିଟିର କାର୍ଯ୍ୟକାଳ ୩ ବର୍ଷ ବୋଲି ଅଧକ୍ଷ ପ୍ରଦୀପ କୁମାର ରଣା ସୂଚନା ଦେଇଛନ୍ତି।

# ସୋରରେ ଚୋରା ବାଲିଗାଡ଼ି ଜବତ

ସୋର,୨୮।୭ (ସମିସ): ବାଲେଶ୍ୱର ଖଣି ଅଧିକାରୀ ସନ୍ତୋଷୀ ପ୍ରଭା ସେଠୀଙ୍କ ନିର୍ଦ୍ଦେଶରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏକ ଟିମ ସହ ଜାତୀୟ ରାଜପଥରେ ଯାଆସ କରୁଥିବା ଚୋରା ବାଲି ଗାଡ଼ି ଉପରେ ଚଢ଼ଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ବେଆଇନ ବାଲି ବୋଝେଇ ଗାଡିକୁ ଜବତ କରିବା ସହିତ ସୋର ଥାନାରେ ଜିମା ଦେଇଥିଲେ। ଗାଡିର ଚାଳକ ଫେରାର ହୋଇଯାଇଥିବା ବେଳେ ଖବର ପାଇ ଅନେକ ଗାଡି ରାସ୍ତାରୁ ଫେରାର ହୋଇଯାଇଥିବା ଜଣାପଡିଛି।




# ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ସୋର,୨୮।୭ (ସମିସ): ସୋର ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ନବକିଶୋର ଦାସଙ୍କ ସଭାପତିତ୍ୱରେ ସଂଘର ସାଧାରଣ ପରିଷଦ ବୈଠକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ସଂଘର ସାଧାରଣ ସମ୍ପାଦକ ଭଗବାନ ମହାପାତ୍ର ଗତ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ "ଜୀବନ ପାଇଁ ବୃକ୍ଷ ଟିଏ' ରୋପଣ ଓ ରକ୍ଷଣା ବେକ୍ଷଣ ସମ୍ପର୍କରେ ସଂଘର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ପ୍ରଧାନ ପ୍ରସ୍ତାବ ଆଗତ କରିବା ପରେ ଏହା ଆସନ୍ତା ମାସ ଅଗଷ୍ଟ ୮ ତାରିଖ ଦିନ କୁଢ଼େଇ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ସ୍ଥିର ହେବା ସହ ଏଥିରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ସାମିଲ କରାଯିବାକୁ ସ୍ଥିର ହୋଇଛି। ଏତଦଭିନ୍ନ ସୋର ଅଞ୍ଚଳରେ ବ୍ୟାପକ ଚୋରି, ଛିନତାଇ ଫଳରେ ବରିଷ୍ଠ ନାଗରିକ ମାନେ ନିଜ ଗୃହରେ ସୁରକ୍ଷିତ ରହିବାକୁ ଭୟ କରୁଛନ୍ତି। ଏଥି ପ୍ରତି ପୁଲିସ ପ୍ରଶାସନ ଅଧିକ ସକ୍ରିୟ ହେବା ସହ ପୁଲିସ ପାଟ୍ରୋଲିଂ ବଢ଼ାଇବାକୁ ବୈଠକରେ ଦାବି କରାଯାଇଛି। ଏହି ବୈଠକରେ ସଂଘର ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଷଡ଼ଙ୍ଗୀ, କମଳାକାନ୍ତ ତିଆଡ଼ି, କଟଚନ୍ଦ୍ର ବେହେରା, ଜଗନ୍ନାଥ ବାରିକ, ସୁରେନ୍ଦ୍ର ପାଣିଗ୍ରାହୀ, ବାସୁକୃଷ୍ଣ ମହାପାତ୍ର, ଗଙ୍ଗାଧର ପାଢ଼ୀ, ଶ୍ରୀଧର ପତ୍ରି ଯୋଗ ଦେଇଥିବା ବେଳେ ଉଦ୍ଧବ ଚରଣ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥଲେ।






# ପୂର୍ବତନ ସରପଞ୍ଚଙ୍କ ବିୟୋଗ

ସିମୁଳିଆ, ୨୮।୭ (ସମିସ): ଅବିଭକ୍ତ ମଇତାପୁର ବଙ୍ଗାଳପୁରର ପ୍ରଥମ ବିଜେଡି ସମର୍ଥିତ ମଇତାପୁର ପଞ୍ଚାୟତ ସରପଞ୍ଚ ଭାବେ ନରହରି ଯେନା ୨୦୦୭ ରୁ ୨୦୧୨ ମସିହା ପର୍ଯ୍ୟନ୍ତ ତାଙ୍କର ଭୂମିକା ସୁଚାରୁ ରୂପେ ତୁଲାଇ ଥିଲେ। ଗତ କିଛିଦିନ ହେଲା ଅସୁସ୍ଥ ହୋଇ ସେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ଗତକାଲି ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କ ବିୟୋଗରେ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

# ଗୌରାଙ୍ଗ ସଂଗୀତ ମହାବିଦ୍ୟାଳୟର ସାଧାରଣ ବୈଠକ

ଭୋଗରାଇ, ୨୮।୭(ସମିସ): ଭୋଗରାଇ ବ୍ଲକ ଦେହୁର୍ଦାସ୍ଥିତ ରୁରାଲ ଆଇଟିଆଇ ପରିସରରେ ଗୌରାଙ୍ଗ ସଂଗୀତ ମହାବିଦ୍ୟାଳୟର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗୀତ ମହାବିଦ୍ୟାଳୟର ସମ୍ପାଦକ ପ୍ରଫୁଲ୍ଲ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଯାତ୍ରା ହିରୋ ଗୌରାଙ୍ଗ



ଚରଣ ଦାସ, ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ମୁଁ ମରିଗଲା ପରେ ମତେ ସମସ୍ତେ ମନେରଖନ୍ତୁ ଆଉକିଛି ମୋର ଲୋଡା ନାହିଁ। ରୁରାଲ ଆଇଟିଆଇର ଅଧ୍ୟକ୍ଷ ପ୍ରବଣ କିଶୋର ପ୍ରଧାନ କହିଥିଲେ ସଂଗୀତ,ବାଦ୍ୟ,ନୃତ୍ୟ ଓ ଚିତ୍ରାଙ୍କନ ପାଇଁ ଗୋଡ଼ି ଉଠିଥିବା ମହାବିଦ୍ୟାଳୟଟି ବହୁ ସମସ୍ୟା ଭିତରେ ଗତି କରୁଛି। ସମ୍ମାନିତ ଅତିଥି ଅଧ୍ୟାପକ ଧୀରେନ୍ଦ୍ର ଜେନା, ଚିତ୍ର ଶିକ୍ଷକ ଧୀରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ସୁଦାମ ପ୍ରଧାନ, ବିଜୟ ଜେନା, ମନାଙ୍କ ଶେଖର ପାତ୍ର, ହିମାଂଶୁ ଶେଖର ଦାସ,ପ୍ରଭାସ ନନ୍ଦୀ, ରଘୁନାଥ ସାହୁ, ରାମକୃଷ୍ଣ ଗିରି, ଘନଶ୍ୟାମ ଗିରି,ଦୀପକ ସାସମଲ, ଧନୁଜୟ ତୋଳା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ୟା ଜଳ ହ୍ରାସ ସତ୍ତ୍ୱେ ଲୋକଙ୍କ ଦୁର୍ଦ୍ଦଶା ଟଳିନି

କାଳିପଦା, ୨୮।୭ (ସମିସ)





ସୁବର୍ଣ୍ଣରେଖା ନଦୀର ଜଳସ୍ତର ଆଜି ହ୍ରାସ ପାଇଛି। ଏବେ ନଦୀରେ ଜଳସ୍ତର ଜଳେଶ୍ୱର ବ୍ଲକ ରାଜଘାଟ ଠାରେ ୧୦. ୧୫ମି ରହିଛି। ଏଠାରେ ସତର୍କ ସୂଚନା ୯. ୪୫ ମି ହୋଇ ଥିବାବେଳେ ବିପଦ ସୂଚନା ୧୦. ୩୬ ମିଟର। ଗତକାଲି ଜଳ ସ୍ତର ଯେଉଁ ହାରରେ ବଢୁ ଥିଲା ଆଜି ସେମିତି ନାହିଁ। ଆଜି ମଧ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ୯ ଟି ପଞ୍ଚାୟତର ବହୁ ଲୋକ ପାଣି ଘେରରେ ରହିଥିବା ବେଳେ ପାଳ ଚମ୍ପେଇ, ଚଡ଼ ପାଳ ପଡା, ସାନ ମଇଁଷି ଆଡି, ଚଡ଼ ବଡାପାଳ, ମନୁ ନଗର, ବିଷ୍ଣୁପୁର, ରସଲପୁର, ସୁଂଗମୁହଁ, ଚୌଧୁରୀ କୁଦ, କୁହ୍ଲା ଚଡ଼, ତାଳ ପଦା ଆଦି ଗାଁଗୁଡିକ ବନ୍ୟା ପାଣି ଘେରରେ ରହିଛି। ଏହି ଗାଁ ଗୁଡିକର ସ୍କୁଲ ଘର, ଅଙ୍ଗନ ୱାଡି କେନ୍ଦ୍ର, ରାସ୍ତାଘାଟ ଆଜି ମଧ ପାଣିରେ ରହିଛି। ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଓଡ୍ରାଫ ଟିମ, ଅଗ୍ନିଶମ ବିଭାଗ ର ପାୱାର ବୋର୍ଟ ସାହାଯ୍ୟରେ ଲୋକମାନେ ଯା ଆସ କରୁଛନ୍ତି। ବାତ୍ୟା ଆଶ୍ରୟ ସ୍ଥଳୀରେ ଥିବା ଲୋକ ମାନଙ୍କୁ ପ୍ରଶାସନ ତରଫରୁ ଚୁଡା ଗୁଡ଼ ସହିତ ରନ୍ଧା ଖାଦ୍ୟ ମଧ ଦିଆଯାଇଛି। ବ୍ଲକରେ ବନ୍ୟା ଅଞ୍ଚଳ ଲୋକଙ୍କ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ବିଡ଼ିଓ ରାଧା ରଞ୍ଜନ ଦାସ, ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ ପ୍ରମୁଖ ବନ୍ୟା ସ୍ଥିତି ସମୀକ୍ଷା କରିବା ସହିତ ସମସ୍ତ କାର୍ଯ୍ୟକୁ ତଦାରଖ କରୁଛନ୍ତି।ଗତକାଲି ବସ୍ତା ବିଧାୟିକା ସୁବାସିନୀ ଜେନା ବନ୍ୟା ଅଞ୍ଚଳ ପରିଦର୍ଶନ କରିବା ସହିତ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

# ଆମର ସଂକଳ୍ପ ନିଶାମୁକ୍ତ ଓଡ଼ିଶା: 'ମୋନା' ଜଳେଶ୍ୱର




ଜଳେଶ୍ୱର ବ୍ଲକ, ୨୮।୭ (ସମିସ) : ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଜଳେଶ୍ୱର ଶାଖା ତରଫରୁ ଷ୍ଟେସନ ବଜାର କାଳୀ ମନ୍ଦିର ସ୍ଥିତ ହଲରେ ଦ୍ୱିତୀୟ ଥର ସାଙ୍ଗଠନିକ ବୈଠକ ମୋନାର ବରିଷ୍ଠ ସଦସ୍ୟ ରବୀନ୍ଦ୍ର କୁମାର ସେନାପତି ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୋନା ସହସଂପାଦକ ନୀରୋଜ କୁମାର ବେହେରା କାର୍ଯ୍ୟକ୍ରମରେ ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମୋନାର ଉପସଭାପତି ମନମୋହନ ମିଶ୍ର ସଭା କାର୍ଯ୍ୟକ୍ରମରେ ଯୋଗଦେଇ ସମାଜକୁ ନିଶାମୁକ୍ତ କରିବା ପାଇଁ ମହିଳା ମାନଙ୍କର ପ୍ରମୁଖ ଭୂମିକା ରହିଛି ଏବଂ ମୋନା ସଙ୍ଗଠନରେ ଅଧିକ ମହିଳା ମାନଙ୍କୁ ଯୋଗ ଦେବାକୁ ନିବେଦନ କରିଥିଲେ। ଜଳେଶ୍ୱର ଶାଖା ମୋନାର ସଭାପତି ଅଶୋକ ଜେନା ସଂଗଠନର ଗୃହୀତ ନିଷ୍ପତି ଗୁଡ଼ିକ ଅଭିଭାଷଣରେ ସମସ୍ତଙ୍କୁ ଅବଗତ କରାଇ ଥିଲେ। କୋଷାଧ୍ୟକ୍ଷ ଦୁର୍ଗା ଚରଣ ଆଶ, ଦିନେଶ କିସ୍କୁ, ରାଜୀବ କୁମାର ପାତ୍ର (ବାପି), ରମେଶ ଚନ୍ଦ୍ର ହେମ୍ବ୍ରମ, ବବିତା ପାତ୍ର ପ୍ରମୁଖ ନିଶାକୁ ଅଗ୍ରାହ୍ୟ କରିବାକୁ ନିବେଦନ କରିଥିଲେ। ନିଶା ନିବାରଣ ଅଭିଯାନରେ ସାମିଲ ହେବା ପାଇଁ ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ପ୍ରଫୁଲ୍ଲ ସିଂ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଚୈତନ୍ୟ ଚରଣ ଦାସ, ଦୀପକ କୁମାର ପାତ୍ର, ବିରେନ୍ଦ୍ର ସାମଲ (କାଳୀଚରଣ), ପିଥ ମାରାଣ୍ଡି, ଗଣେଶ ଚନ୍ଦ୍ର ଗିରି, ଜହର ମାରାଣ୍ଡି ପ୍ରମୁଖ ମୋନା ସଙ୍ଗଠନରେ ସଦସ୍ୟତା ଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଗଳା କୁକୁର କାମୁଡ଼ାରେ ମହିଳା ଓ ଛାତ୍ର ଆହତ

ଭୋଗରାଇ, ୨୮।୭(ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଅଧିନ ହରିପୁର ଗ୍ରାମରେ ଆଜି ପାଗଳା କୁକୁର କାମୁଡ଼ାରେ ବାସନ୍ତୀ ଦାସ, ମଞ୍ଜୁଲତା ପାତ୍ର ଆହତ ହୋଇଥିଲେ। ପରେ ସେହି ପାଗଳା କୁକୁରଟି ଦେଉଳା ପଞ୍ଚାୟତ ସେହି ଗ୍ରାମର ଛାତ୍ର କ୍ରିଷ୍ଣା ଘଡାଇଙ୍କୁ କ୍ଷତାକ୍ତ କରିଥିଲା। ଏହିପରି ପାଖାପାଖି ୧୦ରୁ ଉର୍ଦ୍ଧ ଲୋକଙ୍କୁ କୁକୁରଟି କାମୁଡ଼ି ଥିଲା ବେଳେ ଦେଉଳା ଗ୍ରାମର ସ୍ଥାନୀୟ ଯୁବକ କୁକୁରଟିକୁ ଠେଙ୍ଗାରେ ପିଟି ମାରିଦେଇଥିଲେ।

# ସରକାରୀ ସୁବିଧାରୁ ବଞ୍ଚିତ ଦୁଇ ଆଦିବାସୀ ଭଉଣୀ





ଜଳେଶ୍ୱର ବ୍ଲକ, ୨୮।୭(ସମିସ) : ଆଦିବାସୀ ଅଧ୍ୟୁଷିତ ପରିବାର ପାଖରେ ସରକାରୀ ସୁବିଧା ସୁଯୋଗ ସତେ ଯେମିତି ଅପହଞ୍ଚ ହୋଇ ପଡ଼ିଛି। ଆଦିବାସୀଙ୍କ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉ ଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଅଲଗା। ରାଇବଣିଆ ଅଞ୍ଚଳର ଏକ ଆଦିବାସୀ ଅଧ୍ୟୁଷିତ ଜଙ୍ଗଲ ଭରା ଏଠାରେ ମୋଟ ଜନସଂଖ୍ୟାର ୭୦ ଭାଗ ଲୋକ ଆଦିବାସୀ ଓ ଦଳିତ ସଂପ୍ରଦାୟର ଲୋକମାନେ ବସବାସ କରିଥାନ୍ତି । ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ମଧ ନା ସେମାନଙ୍କର ମୁଣ୍ଡ ଉପରେ ପକ୍କା ଘର ନା ଅଛି ପକ୍କା ରାସ୍ତା, ପିଇବା ପାଣି, ଭୂମିହୀନଙ୍କ ପାଖରେ ପଟ୍ଟା। କାଳିକ ଗ୍ରାମ ପଞ୍ଚାୟତ ତେନ୍ତୁଳ ଉପର ଡୋଟା ଗ୍ରାମର ରଘୁନାଥ ସିଂଙ୍କ ପରିବାରର ସାନ ଝିଅ ସୁମତୀ (୧୬) ଜନ୍ମରୁ ଅନ୍ଧ ହୋଇ ମଧ ଆଜି ବି ଭତ୍ତା ପାଇବାରୁ ବଞ୍ଚିତ। ସେହିପରି ବଡ଼ ଝିଅ କ୍ରିଷ୍ଣା କୁମାରୀ ସିଂ ଏସ୍ ଟି ଥୋମାସ କନଭେଟ ସ୍କୁଲ ରେମୁଣାରେ ଦଶମରେ ୮୦ ପ୍ରତିଶତ ନମ୍ବର୍ ରଖି ପାସ କରିଥିଲେ ମଧ ଦାରିଦ୍ର୍ୟତାର କରାଳ ଯୋଗୁ ଅଧାରେ ବନ୍ଦ ପଡ଼ିଲା ପାଠ ପଢା ସାଙ୍ଗକୁ ଏବେ ଏକ ଅଜଣା ରୋଗରେ ପୀଡିତ କ୍ରିଷ୍ଣାର ଚିକିତ୍ସାରେ ଅର୍ଥ ସାଜିଛି ବାଧକ।

# ଦୁଇଟି ପ୍ରକଳ୍ପର ଶିଳାନ୍ୟାସ



ସିମୁଳିଆ, ୨୮।୭ (ସମିସ): ମୁରୁଣା ପଞ୍ଚାୟତରେ ଏଏନଏମ୍ ଘର ଓ ଗୋଟିଏ ରାସ୍ତା ସରପଞ୍ଚ ନିରୁପମା ପାତ୍ରୀ, ସମିତି ସଭ୍ୟ ଗୋପିକାନ୍ତ ମହାନ୍ତିଙ୍କ ଉପସ୍ଥିତିରେ ବିଧାୟକ ପଦ୍ମଲୋଚନ ପଣ୍ଡା ଶିଳାନ୍ୟାସ କରାଯାଇଛି। ପ୍ରକାଶ ଥାଉକି ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତ ଧୂବଗଡିଆଠାରେ ବହୁ ଦିନହେବ ଏଏନଏମ୍ ଘରଟିଏ ନଥିବାରୁ ସେଠାରେ ନର୍ସ ରହିପାରୁନଥିଲେ। ସେଠିକାର ଗର୍ଭବତୀ ମହିଳାଙ୍କୁ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବାକୁ ପଡୁଥିଲା। ଏବେ ସେଠାରେ ନର୍ସ ରହି ଗର୍ଭବତୀ ମା ମାନେ ସୁରୁଖୁରୁରେ ସେବା ପାଇବାରେ ଅସୁବିଧା ହେବନାହିଁ। ରାଉତପଡା ଗାଁରେ ରାସ୍ତା ଅତି ଶୋଚନୀୟ ଥିବାରୁ ସେଇ ଗ୍ରାମକୁ ବର୍ଷା ଦିନରେ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଆସିପାରୁନି। ଉକ୍ତ ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଆସିଥିଲା, ହେଲେ ଏହି ଟଙ୍କାରେ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ପାରୁନଥିବାରୁ ବିଧାୟକ ଆଉ ୫ ଲକ୍ଷ ଟଙ୍କା ଦେବା ପାଇଁ ଗ୍ରାମ ବାସୀଙ୍କ ଓ ଚେୟାରମ୍ୟାନ ବାବାଜୀ ମଲ୍ଲିକ. ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ. ବାସୁଦେବ ପତ୍ରୀଙ୍କ ସହିତ ବହୁ ପୁରୁଖା କର୍ମୀଙ୍କ ଉପସ୍ଥିତିରେ ଘୋଷଣା କରିଛନ୍ତି।

ଶ୍ରାବଣ ତୃତୀୟ ସୋମବାର

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ହଜାର ହଜାର କାଉଡ଼ିଆ



ନୀଳଗିରି, ୨୮।୭ (ସମିସ): ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ହଜାର ହଜାର କାଉଡିଆଙ୍କ ବୋଲ ବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା... ଧ୍ୱନିରେ ପ୍ରକମ୍ପିତ ହେବା ସହ ଉତ୍ସବମୁଖର ହୋଇଉଠିଲା ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଞ୍ଚଲିଙ୍ଗେଶ୍ୱର। ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆମାନେ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀ ତଥା ବାଲେଶ୍ୱରସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ସୋନ ନଦୀରୁ ଜଳ ଆଣି ଚାଲି ଚାଲି ଆସିବା ସହ ୨୬୩ଟି ପାହାଚ ଚଢ଼ି ଧାଡ଼ିରେ ଆସି ରବିବାର ରାତ୍ରୀ ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ରାସ୍ତା ଶେରଗଡ଼ରୁ ନୀଳଗିରି, ଝରଣାଘାଟିରୁ ନୀଳଗିରି ଓ ମିତ୍ରପୁର, ସନ୍ତରାଗଡ଼ିଆ ରାସ୍ତାରେ କାଉଡିଆଙ୍କ ଲମ୍ବା ଧାଡ଼ି ସହ ବହୁ ସ୍ଥାନରେ ରାସ୍ତା ପାର୍ଶ୍ୱରେ କାଉଡିଆଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଷ୍ଟଲ କରି ପାଣି, ଗଜାବୁଟ, ମୁଗ, ଚା', ପ୍ରସାଦ, ସରବତ ଦେଉଥିବାର ଦେଖିବାକୁ ମିଳିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖିଆଗରେ ରଖି ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲିସ ପ୍ରଶାସନ ତରଫରୁ ଭିନ୍ନଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା।

# ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ବୈଠକ



ଜଳେଶ୍ୱର, ୨୮।୭(ସମିସ): ଜଳେଶ୍ୱର ଓଷ୍ଟା ପକ୍ଷରୁ ଓଡିଶା ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ବୈଠକ ଜଳେଶ୍ୱର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷାୟତନ ଓ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ, ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ, ଦୀର୍ଘଦିନ ଧରି ଅନୁଦାନ ପାଇନଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀମାନଙ୍କୁ ପୁରୁଣା ପେନ୍‌ସନ ସହିତ ଚାକିରୀ ସର୍ତ୍ତାବଳୀ, ଖାଲି ପଡିଥିବା ପଦବୀ ପୂରଣ, ଗ୍ରେଡ ପେ'ରେ ଅସଗତି ଦୂରୀକରଣ, ୨୦୦୪-୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ବରିଷ୍ଠତା ପ୍ରଦାନ, ସମସ୍ତ ବିଦ୍ୟାଳୟକୁ ସରକାରୀ କରଣ, ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି, ଭିତ୍ତିଭୂମି ନ ଯୋଗାଇ ୟୁଏସ ପୋଟାଲରେ ବାଧ୍ୟତାମୂଳକ କରିବା, ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ଇତ୍ୟାଦି ଦାବି ନେଇ ଅଗଷ୍ଟ ୨ ତାରିଖରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଅଗଷ୍ଟ ୮ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୧୬ତାରିଖରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରାଯିବା ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଜଳେଶ୍ୱର ଓଷ୍ଟା ସଭାପତି ସୁକୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ମନୋରଂଜନ ଦାସ, ରାଜ୍ୟ ସଭାପତି ଅକ୍ଷୟ ମିଶ୍ର, ଜିଲା ସଂପାଦକ ବିଜୟ ପାତ୍ର, ବ୍ଲକ ସଂପାଦକ ହରେକୃଷ୍ଣ ଜେନା, ଅଲଓଷ୍ଟା ବ୍ଲକ ସଂପାଦକ କୁମୁଦ ରଂଜନ ଜେନା, ପ୍ରଦୀପ କୁମାର ଜେନା, ସୁକେଶ ପ୍ରଧାନ, ରାଜେନ୍ଦ୍ର ଜେନା, ରବିନ୍ଦ୍ର ପାଳ, ଦୟାନିଧି ପ୍ରଧାନ, ସୁଶାନ୍ତ ଦାସ,କାର୍ତ୍ତିକ ଚନ୍ଦ୍ର ବାରିକ, ସତ୍ୟବ୍ରତ ଶତପଥି, ସୂର୍ଯ୍ୟକାନ୍ତ ଜେନା, ରତିକାନ୍ତ ମହାନ୍ତି, ବ୍ରଜମୋହନ ପରିଡା, ପରମାନନ୍ଦ ସେନ୍, ପ୍ରଣବ ବ୍ରହ୍ମ, ଗୌରୀବାଳା ଦତ୍ତ, ଶ୍ୟାମ ସୁନ୍ଦର ଦେ, ଦିଲ୍ଲିପ ସେଠୀ, ନାରାୟଣଚନ୍ଦ୍ର ପରିଡା, ବିନୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ କଲେଜର ଶିକ୍ଷକ, କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ବିରୋଧରେ ଅଭିଯୋଗ

ଜଳେଶ୍ୱର,୨୮।୭ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ର ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ବିରୋଧରେ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଜଳେଶ୍ୱର ବ୍ଲକ୍ ଦାୟିତ୍ୱରେ ଥିବା ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ୍ ବୟସ୍କ ବୃଦ୍ଧ, ବୃଦ୍ଧା, ବିକଳାଙ୍ଗ ସମେତ ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନା ଅଧୀନରେ ହିତାଧିକାରୀ କାର୍ଯ୍ୟାଳୟକୁ ଆସିଲେ ତାଙ୍କୁ ଭତ୍ତା ଆଳରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଟଙ୍କା ମାଗିବା, ହିତାଧିକାରୀ ଭତ୍ତା ସମ୍ବନ୍ଧୀୟ କୌଣସି ପ୍ରଶ୍ନ ପଚାରିଲେ ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ଘଣ୍ଟା ଘଣ୍ଟା ଛିଡ଼ା କରିବା, ପ୍ରତ୍ୟେକ ଦିନ ବିଳମ୍ବରେ ବ୍ଲକ୍ କାର୍ଯ୍ୟାଳୟକୁ ବିଳମ୍ବରେ ଆସିବା ଫଳରେ ହିତାଧିକାରୀ ମାନେ ବହୁ ହଇରାଣର ସମ୍ମୁଖୀନ ହୁଅନ୍ତି, ନୂଆ ଭତ୍ତା ଧାରିଙ୍କୁ ତିନି ମାସ ଧରି ବକେୟା ମଞ୍ଜୁର ହୋଇଥିବା ନୂତନ ପେନସନଧାରୀମାନେ କେବଳ ଗୋଟିଏ ମାସର ଭତ୍ତା ପ୍ରଦାନ କରନ୍ତି ବୋଲି ଅଭିଯୋଗ ହେଉଛି। ବହୁ ଲୋକ ଦସ୍ତଖତ କରି ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହିତ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ବିରୁଦ୍ଧରେ ତଦନ୍ତ କରି ତୁରନ୍ତ ଅନ୍ୟ ବ୍ଲକ୍‌କୁ ବଦଳି କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜେନ୍ଦ୍ର ପାତ୍ର, ଶ୍ରୀବାସ ବେହେରା, ସସ୍ମିତା ମାଝୀ, ଅବିନାଶ ଗିରି, ସୂଜୟ ଜେନା, ରଣଜିତ୍ ବେହେରା, ସୁସ୍ମିତା ବେହେରା, ଜ୍ୟୋତିପ୍ରକାଶ ଦାସ, ରାଣୀ ଟୁଡୁ, ମାଳତୀ ଜେନା, ପାର୍ବତୀ ଟୁଡୁ , ରାମକୃଷ୍ଣ ପାଲ, ଦିପୁ ଟୁଡୁ, ପୁଷ୍ପଲତା ନାଥ, ବୈଶାଖୀ ନାଥ, ପ୍ରଫୁଲ୍ଲ ବେହେରା ସହିତ ଶହେରୁ ଊର୍ଦ୍ଧ୍ୱ ହିତାଧିକାରୀ ଅଭିଯୋଗ କରିଛନ୍ତି। ଏ ବାବଦରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତଙ୍କ ମତାମତ ନେବାରୁ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ।

# ସାର ସଙ୍କଟ, ଚାଷୀଙ୍କ ଆନ୍ଦୋଳନ ଚେତାବନୀ

ଖଇରା,୨୮।୭ (ସମିସ)




ବାଲେଶ୍ୱର ଜିଲା ଖଇରା ବ୍ଲକରେ ସାର ସଙ୍କଟ ଘନୀଭୂତ ହେବାରେ ଲାଗିଛି। ଏପଟେ ଧାନ ବିକ୍ରି ଅନଲାଇନ ପଞ୍ଜୀକରଣ ସମସ୍ୟା ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଥିବା ବେଳେ ତା ସାଙ୍ଗକୁ ପୁଣି ସାର ସମସ୍ୟା ଚାଷୀଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ରାଜ୍ୟ ସରକାର ଚାଷୀଙ୍କ ବହୁବିଧ ସମସ୍ୟାର ସମାଧାନ ପାଇଁ ଧାନ ଦେବାକୁ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଖଇରା ବ୍ଲକରେ ଏବେ ଧାନତଳି ପକାଇବା ଓ ରୋଇବା କାର୍ଯ୍ୟ ଆରମ୍ଭ ହୋଇ ସାରିଥିବା ବେଳେ ସାରର ଆବଶ୍ୟକତା ଦେଖା ଦେଇଛି। ପ୍ରାଥମିକ ପର୍ଯ୍ୟାୟର ଆନୁସଙ୍ଗିକ କାର୍ଯ୍ୟ ପାଇଁ ୨ଶହ ମେଟ୍ରିକ ଟନ ଡିଏପି,୧୫୦ ମେଟ୍ରିକ ଟନ ପଟାସ ଓ ୧ଶହ ମେଟ୍ରିକ ଟନ ୟୁରିଆ ଆବଶ୍ୟକ। ହେଲେ କେବଳ ୟୁରିଆକୁ ଛାଡିଦେଲେ ଅନ୍ୟ ୨କିସମ ସାରର ଘୋର ଅଭାବ ଦେଖାଦେଇଛି। କୁରୁଣ୍ଟା,ମିର୍ଜାପୁର,ଗଗନଧୂଳି ଓ ବର୍ତ୍ତନା ସେବା ସମବାୟ ସମିତି ଓ ତୁଡିଗଡିଆ ମାର୍କଫେଡ ମାଧ୍ୟମରେ ମାତ୍ର ୬୦ ମେଟ୍ରିକ ଟନ ଡିଏପି ପ୍ରଦାନ କରାଯାଇଛି ଯାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ସେହିଭଳି ଚାଷପାଇଁ ଅତ୍ୟନ୍ତ ଜରୁରୀ ପଟାସ ସାର ଗୋଟିଏ ଗ୍ରାମବି ବ୍ଲକରେ ପହଞ୍ଚି ପାରିନଥିବାରୁ ଶହ ଶହ ଚାଷୀ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ଏଥିସହ ବେସରକାରୀ ସ୍ତରରେ ଲାଇସେନ୍ସ ପାଇଥିବା ହୋଲସେଲର ଓ ରିଟେଲର ଆଣିଥିବା ସାର ଧାର୍ଯ୍ୟଦରଠାରୁ ଯଥେଷ୍ଟ ଚଢାଦରରେ ବିକ୍ରି କରୁଥିବାରୁ ଚାଷପ୍ରତି ଚାଷୀଙ୍କର ଆଗ୍ରହ କମି କମି ଯାଉଛି। ତୁରନ୍ତ ସାର ସମସ୍ୟାର ସମାଧାନ ନହେଲେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ବିଶ୍ୱନାଥ ଲେଙ୍କା,ସଦାନନ୍ଦ ଧଡା,ଚକ୍ରଧର ବାରିକ,ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି। ବ୍ଲକ ସହକାରୀ କୃଷି ଅଧୀକାରୀ ରମ୍ୟରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରେ ଯେତିକି ସାର ଖଇରା ବ୍ଲକ ବ୍ଲକକୁ ଆସିଥିବା ସେବା ସମବାୟ ସମିତି ଓ ମାର୍କଫେଡ ଜରିଆରେ ଚାଷୀଙ୍କୁ ଦିଆଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ସାର ଆସିବା ପରେ ଚାଷୀକୁ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ପଚା ଆମ୍ବ ଶଢ଼ି ସହର ପରିବେଶ ପ୍ରଦୂଷିତ



ଜଳେଶ୍ୱର,୨୮।୭(ସମିସ): ଅର୍ଥନୈତିକ ପ୍ରମୁଖ ପେଣ୍ଠସ୍ଥଳୀ ଚଳ ଚଞ୍ଚଳ ଜଳେଶ୍ୱର ସହର ସୌନ୍ଦର୍ଯ୍ୟକରଣ ଲାଗି ମ୍ୟୁନିସିପାଲିଟି ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ କେତେକ ଅସାଧୁ ଓ ବେପରୁଆ ବ୍ୟବସାୟୀ ପରିବେଶ ପ୍ରଦୂଷିତ କରିବାରେ ପ୍ରମୁଖ ଭୂମିକା ତୁଲାଉଛନ୍ତି। ପଶ୍ଚିମବଙ୍ଗକୁ ଲାଗି ଏହି ପ୍ରମୁଖ ସହରକୁ ପ୍ରତିଦିନ ଟ୍ରକ ଭର୍ତ୍ତି କଞ୍ଚା ଆମ୍ବ ଆସିଥାଏ। ଆନ୍ଧ୍ର, ଚିତ୍ତୋର, ବେଙ୍ଗାଲୁରୁ, ଉତ୍ତର ପ୍ରଦେଶ ଆଦି ଅଞ୍ଚଳରୁ ବିଭିନ୍ନ କିସମର ଆମ୍ବ ଆମଦାନୀ ହୋଇ ଥାଏ। ପ୍ରତି ଟ୍ରକ ରେ ପ୍ରାୟ ୩୦ ଟନ୍ ଆମ୍ବ ଆସୁଥିବା ବେଳେ ଏହା ପଶ୍ଚିମବଙ୍ଗ ର ବୁଡ଼େଇ, ଗୁମୁଣ୍ଡା, ଦାନ୍ତୁନ, ମହୋନ ପୁର, ରାମନଗର, ଝାଡଗ୍ରାମ, ମୟୂରଭଞ୍ଜର ରାସଗୋବିନ୍ଦପୁର, ମୋରଡା, ଅମର୍ଦା, ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ, ବସ୍ତା ଅଞ୍ଚଳକୁ ପିକଅପ ଯୋଗେ ଚାଲାଣ ହୋଇଥାଏ। ପୂର୍ବରୁ ଗ୍ୟାସ ମସଲା, ଆମ୍ବ ପଚିବା ବ୍ୟବସ୍ଥା ହେଉଥିବା ବେଳେ ମୁନାଫାଖୋର ବ୍ୟବସାୟୀ ବିଷାକ୍ତ ରସାୟନ ସଞ୍ଚିନ ଦ୍ୱାରା ଆମ୍ବ ପାକିବା ଓ ରଙ୍ଗୀ କରିବାର ବ୍ୟବସ୍ଥା କରୁଛନ୍ତି। ଫଳରେ ଆମ୍ବ ପାଚିବା ସହିତ ଅଧିକ ପଚି ସଢୁଛି। ଆମ୍ବ ଗୋଦାମ ଗୁଡ଼ିକ ସହର ପ୍ରମୁଖ ସ୍ଥାନରେ ରହିଥିବାରୁ ଏହି ଶଢ଼ିଯାଇଥିବା ଆମ୍ବକୁ ବଡ ବଜାର ପୋଲ ନିକଟରେ ଫୋପାଡି ଦିଆଯାଉଛି। ଫଳରେ ସେଗୁଡ଼ିକ ଦୀର୍ଘଦିନ ଧରି ପଡିରହି ପୋକ ମାଛି ଭଣ ଭଣ ହୋଇ ଦୁର୍ଗନ୍ଧ ବ୍ୟାପୁଛି। ଏପରିକି ୬୦ ନଂ ଜାତୀୟ ରାଜପଥ (ସାନ୍ତିଆ ବାଇପାସ) ଓ ଅନ୍ୟ କେତେକ ସ୍ଥାନରେ ପଚା ସଢା ଆମ୍ବ ରାସ୍ତାକଡ଼ରେ ପଡ଼ିଛି। ରାଜ୍ୟ ରେ ଅନେକ ସ୍ଥାନରେ ଝାଡା ବାନ୍ତି ବ୍ୟାପୁଥିବା ବେଳେ ଜଳେଶ୍ୱର ରେ ସଚେତନତାର ଅଭାବରୁ ବ୍ୟବସାୟୀ କିମ୍ବା ମ୍ୟୁନିସିପାଲିଟି ପକ୍ଷରୁ ପରିଷ୍କାର କରାଯାଉନାହିଁ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ନିବେଦନ କରିଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ

ଉଦଳା, ୨୮।୭(ସମିସ): 

ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ବିଳମ୍ବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ବେଳେ ଚଳିତ ବର୍ଷଠାରୁ ଏକ ଅସ୍ଥାୟୀ ଗୃହରେ ଚାଲିବ ବୋଲି ବିଧାୟକ ଓ ଉପଖଣ୍ଡ ପ୍ରଶାସନ କହୁଛନ୍ତି। ଗତ ୧୪ ତାରିଖରେ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ ସମିତିର ସହକାରୀ କମିଶନରଙ୍କ ନେତୃତ୍ୱରେ ଏକ କମିଟି ଉଦଳାର ଭୁତ୍ରବଣି ନିକଟରେ ଚିହ୍ନଟ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ପରେ ଉଦଳା ହାଇସ୍କୁଲ ପରିସରରେ ନିର୍ମିତ ୧୪ଟି ଅସ୍ଥାୟୀ ଗୃହର ଭିତ୍ତିଭୂମି ଯାଞ୍ଚ କରି



ସନ୍ତୋଷ ପ୍ରକାଶ କରିବା ସହିତ ପାଠପଢ଼ା ଆରମ୍ଭ ହେବ ବୋଲି ସଂକେତ ଦେଇଥିବା ପ୍ରଶାସନ ସୂଚନା ଦେଇଛନ୍ତି। ସୋମବାର ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସ୍‌ପି ଗୁଣ୍ଡୁପାଲି ଉଦଳା ହାଇସ୍କୁଲ ପରିସରରେ ପହଞ୍ଚି ଅସ୍ଥାୟୀ ବିଦ୍ୟାଳୟ ପାଇଁ ବିଦ୍ୟୁତ୍ ସଂଯୋଗ, ଶୌଚାଳୟ ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା କାର୍ଯ୍ୟକୁ ତଦାରଖ କରିଥିଲେ। ଏପରିକି ଚଳିତ ବର୍ଷ ଆରମ୍ଭ ନେଇ ସଜାଗ ଓ ପ୍ରସ୍ତୁତ ରହିବା ସହିତ ସ୍ଥାୟୀ କ୍ୟାମ୍ପସ ପାଇଁ ସର୍ବଦା ଯୋଗାଯୋଗ ଓ ଅନୁମତି ନେଇ କାର୍ଯ୍ୟ କରିବାକୁ କହିଥିଲେ। ତେବେ ଅସ୍ଥାୟୀ କେମ୍ପସ କାର୍ଯ୍ୟ ଆସନ୍ତା ଅଗଷ୍ଟ ୨୦ ସୁଦ୍ଧା ସମ୍ପୂର୍ଣ୍ଣ କରା ଯିବାର ଆଶ୍ୱାସନା ଦେଇଥିଲେ ବିଧାୟକ। ଏହି ପରିପ୍ରେକ୍ଷୀରେ ଆଜି ଉଦଳା ବିଧାୟକଙ୍କ ତତ୍ତ୍ୱାବଧାନରେ ନିଜ ହାତ ପାଣ୍ଠିରୁ ପ୍ରାୟ ୮୦ଲକ୍ଷ ଟଙ୍କା ବ୍ୟୟବରାଦରେ ଭିତ୍ତିଭୂମି ସଜାଡ଼ିବା ଉଦଳା ଅଞ୍ଚଳରେ ବୃହତ ଆଶା ସଞ୍ଚାର କରିଛି। ଉକ୍ତ ଅସ୍ଥାୟୀ ଭିତ୍ତିଭୂମି ପାଇଁ ବିଧାୟକ ଭାସ୍କର ମଢେଇ, ଉପଜିଲ୍ଲାପାଳ ଶୁଶାନ୍ତ ବାରିକ, ନଗରପାଳ ପ୍ରମିଳା ପଣ୍ଡା ଶୁଭାରମ୍ଭ କରିଥିଲେ।

## ସବୁଜ ବାହିନୀ ବନକର୍ମଚାରୀଙ୍କୁ ଟେଷ୍ଟରରେ ଭୁସିଦେଲେ ଜେଲ ଫେରନ୍ତା ୩ ଶିକାରୀ

କପ୍ତିପଦା,୨୮।୭(ସମିସ): ଜେଲରୁ ଫେରି ଧମକ ଦେଲେ ଏବଂ ଆଉ ସୁଯୋଗ ପାଇ ଘରେ ପଶି ଝିଅକୁ ଦୁର୍ବ୍ୟବହାର କରିବା ସହିତ ଜଣେ ସବୁଜ ବାହିନୀ ବନ କର୍ମଚାରୀଙ୍କୁ ଟେଷ୍ଟର ଭୁସିଦେଲା ଜେଲରୁ ଫେରନ୍ତା ଶିକାରୀ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ପୋଡାଡିହା ଡାହିସାହି ଗ୍ରାମରେ। ଗ୍ରାମର ଭରତ ଶତ୍ରୁସାଲ ପୋଡାଡିହା ବନାଞ୍ଚଳରେ



ସବୁଜ ବାହିନୀ ଭାବେ କାର୍ଯ୍ୟରତ। ଆଜକୁ ୭ ମାସ ପୂର୍ବରୁ ଶିମିଳିପାଳରେ ଶିକାର କରୁଥିବା ଉକ୍ତ ଗ୍ରାମର ୪ରୁ ଊର୍ଦ୍ଧ୍ୱ ଶିକାରୀଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ଚଢ଼ଉରେ ଭରତ ଶତ୍ରୁସାଲ ସାମିଲ ଥିଲେ। ଗିରଫଙ୍କ ମଧ୍ୟରେ ଦୁଇ ଜଣ ଉକ୍ତ ଗ୍ରାମର ହୋଇଥିବାବେଳେ ଏକ ମାସ ପୂର୍ବରୁ ଜାମିନରେ ଆସିଛନ୍ତି। ଅଭିଯୁକ୍ତମାନେ ଜାମିନରେ ବାହାରିବା ପରେ ଦୁଇ ଜଣ ସବୁଜ ବାହିନୀ କର୍ମଚାରୀ ଶ୍ରୀ ଶତ୍ରୁସାଲଙ୍କୁ ମାରିବାକୁ ଧମକ ଦେଇଥିଲେ। ରବିବାର ରାତିରେ ୩ ଜଣଯାକ ଅଭିଯୁକ୍ତ ଶିକାରୀ ଭରତଙ୍କ ଘରେ ପହଞ୍ଚି ତାଙ୍କ ଝିଅକୁ ଦୁର୍ବ୍ୟବହାର କରିଥିଲେ; ଯାହାକୁ ଭରତ ବିରୋଧ କରିଥିଲେ। ଏହି ସମୟରେ ଶିକାରୀଙ୍କ ମଧ୍ୟରୁ ଜଣେ ଏକ ଟେଷ୍ଟରରେ ଭରତଙ୍କ ପେଟରେ ଭୁସି ଦେଇଥିଲା। ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ ମଧ୍ୟ କରିଥିଲେ ଅଭିଯୁକ୍ତ; ହେଲେ ଭରତଙ୍କ ପରିବାରଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସେମାନେ ଫେରାର ହୋଇଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ଭରତଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଂକଟାପନ୍ନ ଥିବାରୁ ବାରିପଦା ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତମାନେ ହେଲେ ଡାହିସାହି ଗ୍ରାମର ଗଣ୍ଡା ସିଂ, ଗୁଡୁ ସିଂ ଏବଂ ଲାକା ସିଂ। ଖବର ପାଇ କପ୍ତିପଦା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ନୂତନ ଭାରପ୍ରାପ୍ତ କୁଳପତିଙ୍କ ଯୋଗଦାନ



ବାରିପଦା, ୨୮।୭(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୂତନ ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ବିଧୁଭୂଷଣ ମିଶ୍ର ସୋମବାର ଅପରାହ୍ନରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପ୍ରଥମେ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ବିଧିବଦ୍ଧ ଭାବେ ଦାୟୀ ଦାୟିତ୍ୱ ଗ୍ରହଣ କରିବା ପରେ ଏକ ସ୍ୱତନ୍ତ୍ର ଉପସ୍ଥାପନ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ସହିତ ସୌଜନ୍ୟମୂଳକ ଭାବେ ଭାବର ଆଦାନ ପ୍ରଦାନ କରିଥିଲେ। ପ୍ରଫେସର ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଥିବାବେଳେ ତାଙ୍କୁ ଏମଏସସିବି ବିଶ୍ୱବିଦ୍ୟାଳୟରେ ୬ମାସ ପାଇଁ ଅତିରିକ୍ତ ଭାବେ କୁଳପତି ଦାୟିତ୍ୱ ତୁଲାଇବାକୁ କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ବପତି ତାଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ଅବସରରେ ସମସ୍ତେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ସେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀଙ୍କ ଏକାନ୍ତ ସହଯୋଗ କାମନା କରିଛନ୍ତି। ଆଗାମୀ ଦିନରେ ସମସ୍ତଙ୍କୁ ମିଳିମିଶି ବିଶ୍ୱବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ନିଜର ଶତପ୍ରତିଶତ ସାମର୍ଥ୍ୟକୁ ବିନିଯୋଗ କରିବା ଦିଗରେ ବଦ୍ଧପରିକର ହେବାକୁ କୁଳପତି ପ୍ରଫେସର ମିଶ୍ର ଆହ୍ୱାନ ଦେଇଥିଲେ।

## ହାତୀପଲଙ୍କ ଉପଦ୍ରବରେ ଭାଙ୍ଗିଲାଣି ୫୦ରୁ ଅଧିକ ଘର

■ ଅଙ୍ଗନବାଡ଼ି କେନ୍ଦ୍ର ଭାଙ୍ଗି ଖାଇଗଲେ ଛତୁଆ, ମୁଢ଼ି, ସୋଲା

ତୁରୁମୁଙ୍ଗା,୨୮।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଥମୁନି ହାତୀପଲଙ୍କ ଉପଦ୍ରବ। ରେଞ୍ଜ ଅଞ୍ଚଳରେ ୫୦ରୁ ଅଧିକ ଘର ଭାଙ୍ଗିଲେଣି ୪୦ରୁ ଅଧିକ ହାତୀପଲ। ବିଳମ୍ବିତ ରାତିରେ ହାତୀପଲ ସୋରାସକେଲା, ଜିଆଣୀସାହିର ବଳରାମ ପାଇଦାଙ୍କ ୨ଟି ଟାଇଲ ଓ ଛଣଛପର ଘର ଭାଙ୍ଗିବା ସହ ସଞ୍ଜୁଲତାଙ୍କ ଘର ଭାଙ୍ଗି ଚାଉଳ ଖାଇଦେଇଛନ୍ତି। ଏଥିସହ ତୁଳସୀପୁର ଅଙ୍ଗନବାଡ଼ି କେନ୍ଦ୍ରକୁ ଭାଙ୍ଗି ଶିଶୁ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ ଥିବା, ମୁଢ଼ି, ଲଡୁ, ସୋଲା ଓ ଛତୁଆକୁ ଖାଇବାସହ ହରିହରାନନ୍ଦ



ଅରଣ୍ୟାଶ୍ରମ ଭିତରେ ପଶି ଘର, ନଡ଼ିଆ ଓ କଦଳୀ ଗଛ ଭାଙ୍ଗି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଆଉ ଏକ ୯ ଟିକିଆ ହାତୀପଲ ତୋଣ୍ଡ ବିଟ୍ ଘାଟବାଲିଯୋଡି ଗାଁ ଅଞ୍ଚଳରେ ଡେରା ପକାଇ ଏକର ଏକର ଧାନ ତଳି ପାଦରେ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ହାତୀପଲ ସପ୍ତାହେରୁ ଅଧିକ ହେବ ଅଞ୍ଚଳରେ ଆତଙ୍କ ଖେଳାଇ ଘରଦ୍ୱାର ଭାଙ୍ଗିବା ସହ ଧାନ ଚାଷ ନଷ୍ଟ କରୁଥିବାରୁ ସ୍ଥାନୀୟଲୋକଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି। ଖୁବଶୀଘ୍ର ଅଞ୍ଚଳରୁ ହାତୀପଲଙ୍କୁ ଅନ୍ୟତ୍ର ଘଉଡାଇବାକୁ ଦାବି ହୋଇଛି।

## ବାରିପଦାରେ ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଟିମ୍



ବାରିପଦା, ୨୮।୭(ସମିସ): ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦରେ ପବିତ୍ର ବାହୁଡାଯାତ୍ରାରେ ରିଲିଜ ହୋଇଥିବା ଆଧ୍ୟାତ୍ମିକ ଓଡିଆ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ସୌଭାଗ୍ୟଲକ୍ଷ୍ମୀ ଜେନା, ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ଅଙ୍କିତ, ଅଭିନେତ୍ରୀ ସିମରନ ରଞ୍ଜିନୀ ସିନେମା ହଲରେ ରବିବାର ଉପସ୍ଥିତ ରହି ଦର୍ଶକଙ୍କ ସହ ଚଳଚ୍ଚିତ୍ରକୁ ଉପଭୋଗ କରିଥିଲେ। ବାରିପଦାରେ ଏହି ଟିମ ପହଞ୍ଚି ପ୍ରଥମେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀହରି ବଳଦେବଜୀଉଙ୍କ ମନ୍ଦିର ପୂଜା କରିବା ପରେ ମା' ଅମ୍ବିକା, ପୁରୁଣା ହାଟସାହି ସ୍ଥିତ ବଡ଼ଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ, ସହରସାହି ଓ ଭୁଗୁଡ଼ାକାଟା ସ୍ଥିତ ଶ୍ରୀ ଶିରଡ଼ି ସାଇ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ଶ୍ରୀଜଗନ୍ନାଥ ସଂସ୍କୃତିକୁ ପ୍ରଚାର ପ୍ରସାର କରୁଥିବା ଏହି ଚଳଚ୍ଚିତ୍ରକୁ ସମସ୍ତେ ଦେଖିବାକୁ ଅନୁରୋଧ କରିଥିଲେ। ଶ୍ରୀଜଗନ୍ନାଥଙ୍କ ନବକଳେବର କାହିଁକି, କେବେଠାରୁ ଓ କେଉଁ ପରିସ୍ଥିତିରେ ଶ୍ରୀମନ୍ଦିରରେ ହୋଇଥିଲା ତାହାରି ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟି ବୋଲି ପ୍ରଯୋଜିକା ତଥା ନିର୍ଦ୍ଦେଶିକା ସୌଭାଗ୍ୟଲକ୍ଷ୍ମୀ ଜେନା ପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ହେପାଟାଇଟିସ ଦିବସ ପାଳିତ

ବାରିପଦା, ୨୮।୭(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସୋମବାର ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ୱାସ୍ଥ୍ୟ ଅଧୀକ୍ଷକ ଡାକ୍ତର ମାନସ ରଞ୍ଜନ ଦଣ୍ଡପାଟ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାସଚନ୍ଦ୍ର ନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡାକ୍ତର ବିଜୟ କୁମାର ଦାଶ, ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ (କୁଷ୍ଠ) ଡାକ୍ତର ଶାନ୍ତନୁ ଦାସ, ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ଘାସିରାମ ମୁର୍ମୁ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଅଣ ସଂକ୍ରମଣ ରୋଗ) ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ଡାକ୍ତର ବିଭୁଦତ୍ତ ଦାସ, ଏପିଡେମିଲଜିଷ୍ଟ, ଏଲିନା ସାମଲ, ଡେପୁଟି ମ୍ୟାନେଜର, ଆରସିଏଚ ଏବଂ ଅନିତା ଦାସ ଏଏନଏମ ପ୍ରଶିକ୍ଷିକା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଡାକ୍ତର ଆଚାର୍ଯ୍ୟ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖି ଏବର୍ଷର



ବାର୍ତ୍ତା 'ଆସନ୍ତୁ, ହେପାଟାଇଟିସକୁ ପ୍ରତିହତ କରିବା' ଉପରେ ଉଲ୍ଲେଖ କରିଥିଲେ। ଏହି ରୋଗର ନିୟନ୍ତ୍ରଣ ନିମନ୍ତେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ପରୀକ୍ଷା ଓ ଚିକିତ୍ସା ବିଷୟରେ ଅବଗତ କରାଇଥିଲେ। ସମସ୍ତ ଗର୍ଭବତୀ ମହିଳାଙ୍କ ପରୀକ୍ଷା କରି ଚିକିତ୍ସା କରିବା ନିତ୍ୟାନ୍ତ ଜରୁରୀ ଅଟେ ଯଦ୍ୱାରା ଏହା ଚିରକାଳୀନ ରୋଗ ରେ ପରିଣତ ନହୁଏ ସେଥି ପ୍ରତି ସତର୍କ ହେବା। ଶିଶୁ ଜନ୍ମ ହେବାର ୨୪ ଘଣ୍ଟା ମଧ୍ୟରେ ହେପାଟାଇଟିସ ବି ଟିକାକରଣ କରାଇବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ୧୦୫ ଜଣଙ୍କର ହେପାଟାଇଟିସ ପରୀକ୍ଷା କରାଯାଇଥିଲା। ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ତୁରୁମୁଙ୍ଗା,୨୮।୭(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ସଭାଗୃହରେ ସୋମବାର କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଏବଂ ଏସପି ନିତିନ କୁଶଲ କର ଦାଗୁଡୁଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରଣଜିତ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମୋଟ ୧୧୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟତଃ ଆବାସ ଓ ରାସନ କାର୍ଡ ସମ୍ବନ୍ଧୀୟ, ଲ୍ୟାମ୍ପରେ ଚାଷୀ ପଞ୍ଜୀକରଣ ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଥିବା ସହ, ବନ୍ୟାଜଳରେ ଚାଷ ଜମି ନଷ୍ଟ ହୋଇଥିବା ଆଦି ଅଭିଯୋଗ ରହିଥିଲା। ପିଡ଼ି କୁମାର ନାଗ ଭୂଷଣ, ଉପ ଜିଲ୍ଲାପାଳ ଉମାଶଙ୍କର ଦଳେଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିନୋଦ ବିହାରୀ ମିଶ୍ର, ଡିଏଫଓ ଏଚଡି ଧନରାଜ, ଘଟଗାଁ ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିବା ବେଳେ ଲାଇନ ଡିପାର୍ଟମେଣ୍ଟର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସାହାରପଡା ବ୍ଲକ ସହକାରୀ ଯନ୍ତ୍ରୀ ମୋତିଲାଲ ତୁଙ୍ଗ ଉପସ୍ଥିତ ରହି କାର୍ଯ୍ୟକ୍ରମର ତଦାରଖ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସମସ୍ତ ଅଧିକାରୀମାନେ ସହଯୋଗ କରିଥିଲେ।

## ଯାତ୍ରୀ ପ୍ରତୀକ୍ଷାଳୟ ପୁନଃ ନିର୍ମାଣ ଦାବିରେ ଧାରଣା

ଉଦଳା, ୨୮।୭(ସମିସ): ଉଦଳା ହାଇସ୍କୁଲ ଛକ ବସଷ୍ଟପରେ ତତ୍କାଳୀନ ସମନ୍ୱିତ ଆଦିବାସୀ ଉନ୍ନୟନ ପକ୍ଷରୁ ଏକ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା। ମାତ୍ର ୨୦୧୪ରେ ଉଦଳା ପ୍ରଶାସନ ଓ ଏନ୍‌ଏସି କର୍ତ୍ତୃପକ୍ଷ ରାସ୍ତା ପ୍ରଶସ୍ତିକରଣ ନାମରେ ଉକ୍ତ ଯାତ୍ରୀ ପ୍ରତୀକ୍ଷାଳୟକୁ ଭାଙ୍ଗି ଦେଇଥିଲେ। ଇତିମଧ୍ୟରେ ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପୁନଃ ନିର୍ମାଣ କରି ନ ଥିବାରୁ ଯାତ୍ରୀମାନେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ, ନିବେଦନ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଫଳରେ ଗତ ୨୪ତାରିଖରେ ଜିଲ୍ଲାପାଳଙ୍କଠାରେ



ଦାଖଲ ହୋଇଥିବା ଦରଖାସ୍ତ ଅନୁଯାୟୀ ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୭ରୁ ୨୯ତାରିଖ ପର୍ଯ୍ୟନ୍ତ ୩ ଦିନ ଧାରଣାରେ ବସି ଅଗଷ୍ଟ ୪ ତାରିଖ ପୂର୍ବାହ୍ନ ୧୦ଘଟିକାଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନରେ ବସିବେ ବୋଲି ବରିଷ୍ଠ ନାଗରିକ ତଥା ସାମ୍ବାଦିକ ଦୀନବନ୍ଧୁ ବାରିକ ଚେତାବନୀ ଦେଇଛନ୍ତି। ଆଜି ଜିଲାପାଳଙ୍କ ଜନଶୁଣାଣି ସମ୍ମୁଖରେ ଶ୍ରୀ ବାରିକ ଧାରଣା ଦେଇଥିଲେ। ତେବେ ଏନଏସି ପକ୍ଷରୁ ଆଲୋଚନା ପୂର୍ବକ ଲିଖିତ ଭାବେ ରାସ୍ତା ସଂପ୍ରସାରିତ ପରେ ନୂତନ ଭାବେ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ପରେ ସେ ଧାରଣାରୁ ଉଠିଥିଲେ।

## ଚଳନ୍ତା ଆମ୍ବୁଲାନ୍ସରୁ ବାହାରିଗଲା ଚକ

ବାରିପଦା, ୨୮।୭(ସମିସ): ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାକୁ ଲାଗିଥିବା ବେଳେ ୧୦୮ ଆମ୍ବୁଲାନ୍ସର ମଧ୍ୟ ରକ୍ଷଣାବେକ୍ଷଣ ହେଉନାହିଁ; ଯାହାକୁ ନେଇ ଏକ ଚଳନ୍ତା ୧୦୮ ଆମ୍ବୁଲାନ୍ସରୁ ଚକ ବାହାରିଯାଇଛି। ଏପରି ଏକ ଘଟଣା ବାରିପଦା ସହରର ମଧୁବନ ଅଞ୍ଚଳର ଗ୍ୟାରେଜ ଛକରେ ଦେଖିବାକୁ ମିଳିଛି। ସୋମବାର ସକାଳ ପ୍ରାୟ ୮ଟା ସମୟରେ




ଏକ ୧୦୮ ଆମ୍ବୁଲାନ୍ସ ବାରିପଦାରୁ ଉଦଳା ପଟକୁ ଯାଉଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳିଥିଲା। ଏହାପରେ ମଝି ରାସ୍ତାରେ ଚଳନ୍ତା ଗାଡିରୁ ଚକ ବାହାରି ଯାଇଥିଲା। ଭାଗ୍ୟବଶତଃ ଆମ୍ବୁଲାନ୍ସରେ କୌଣସି ରୋଗୀ ନଥିବା ବେଳେ ବେଗ ମଧ୍ୟ କମ ଥିଲା। ତେଣୁ କାହାର କିଛି କ୍ଷତି ହୋଇନାହିଁ। ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ପାଇଁ ଆଜି ଏହିପରି ଘଟଣା ଘଟିଛି ବୋଲି ୧୦୮ ଆମ୍ବୁଲାନ୍ସ କର୍ମଚାରୀ ବିଜୟ ମହାନ୍ତ କହିଛନ୍ତି। ଶନିବାରଠାରୁ ଆମ୍ବୁଲାନ୍ସରେ ସମସ୍ୟା ଦେଖା ଯାଇଥିବା ନେଇ ଅଧିକାରୀକୁ ଜଣାଇଥିଲେ। କିନ୍ତୁ ତାହାର କୌଣସି ସମାଧାନ କରାଗଲା ନାହିଁ। ସୋମବାର ସକାଳୁ ଜଣେ ରୋଗୀଙ୍କୁ ନେଇ ପିଆରଏମ ହସ୍ପିଟାଲରେ ଛାଡି ପ୍ରତ୍ୟାବର୍ତ୍ତନ କରିବା ବେଳେ ଉକ୍ତ ଘଟଣା ଘଟିଛି। ଆମ୍ବୁଲାନ୍ସ ଗାଡି ଗୁଡିକର ରକ୍ଷଣାବେକ୍ଷଣ କରାଯାଉନାହିଁ। ଯାହା ଫଳରେ ଆଜି ଏହିପରି ଘଟଣା ଘଟିଛି ବୋଲି ସେ କହିଛନ୍ତି।

## ସରପଞ୍ଚଙ୍କ ଦିଅରକୁ ଆକ୍ରମଣ ଘଟଣାରେ ପୁଣି ଜଣେ ଗିରଫ

ରାମଚନ୍ଦ୍ରପୁର,୨୮।୭(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ପୁରୁଣାବାନ୍ଧଗୋଡା ପଞ୍ଚାୟତ ସରପଞ୍ଚଙ୍କ ଦିଅରକୁ ୧୦ ମାସ ତଳେ ହୋଇଥିବା ମରଣାତ୍ମକ ଆକ୍ରମଣ ଘଟଣାରେ ଶେଷ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ପୂର୍ବରୁ ଦୁଇ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ ପୁଲିସ ଆଖିରେ ଧୁଳିଦେଇ ଫେରାର୍ ହୋଇଯାଇଥିଲା। ଘଟଣାର ୧୦ ମାସ ପରେ ଶେଷ ଅଭିଯୁକ୍ତ କୁହାଯାଉଥିବା ଶ୍ରୀକାନ୍ତ ଜେନା ଆଜି ରାମଚନ୍ଦ୍ରପୁର ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲା। ପୁଲିସ ଅଭିଯୁକ୍ତକୁ ଧରି ଆଜି ଘଟଣାର ରିକ୍ରିୟେସନ କରିବା ପରେ ଡାକ୍ତରୀ ମାଇନା କରି ଅପରାହ୍ଣରେ କୋର୍ଟଚାଲାଣ କରିଥିବା ଜଣାପଡିଛି। ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆନନ୍ଦପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦୁଝର,୨୮।୭(ସମିସ): ପ୍ରଚଳିତ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ସହ ପେନସନ୍ ପ୍ରଦାନ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କୁ ଉତ୍କଳ ସାମ୍ବାଦିକ ସଂଘ ଅନୁମୋଦିତ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ



ପ୍ରତ୍ୟେକ ବର୍ଷ ପ୍ରାୟ ୬୦୦ ସାମ୍ବାଦିକ ଗୋପବନ୍ଧୁ ସ୍ୱାସ୍ଥ୍ୟ ଯୋଜନାରେ ଉପକୃତ ହେଉଛନ୍ତି। ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଅଧିକ ହିତାଧିକାରୀମୁଖୀ କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ୨୫ ବର୍ଷରୁ ଅଧିକ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରାଯାଉ। ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରାଯିବା ସହ ଆୟୁଷ୍ମାନ୍ ଯୋଜନାରେ ସାମିଲ୍ ଥିବା ହିତାକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ ଆୟୁଷ୍ମାନ୍ ଭାରତ ଏବଂ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ସୁବିଧା ଉପଲବ୍ଧ କରିବାକୁ ଅନୁରୋଧ କରାଯାଇଛି। ଦେଶର ୧୮ଟି ରାଜ୍ୟ ଭଳି ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ୍ୟ ୧୫ ହଜାର ଟଙ୍କା ପେନସନ୍ ପ୍ରଦାନ ସହ ବୃତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବାକୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସାମ୍ବାଦିକ ତାପସ କୁମାର ରଥ, ପବିତ୍ର ବେହେରା, ବିଜୟ କୁମାର ମିଶ୍ର, ରବିନ୍ଦ୍ର କୁମାର ସେଠୀ, ବିରଞ୍ଚି ବେହେରା, ସଂଗ୍ରାମ ମିଶ୍ର, ସାଗର ସାମଲ ଓ ଅଞ୍ଜିତ ବେହେରାଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

# ଶୈବ ପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼

ବଡସାହି/ମାଣତ୍ରୀ,୨୮।୭(ସମିସ): 

ଶ୍ରାବଣର ଦ୍ୱିତୀୟ ସୋମବାରରେ ବଡସାହି ବ୍ଲକ୍ ମାଣତ୍ରୀସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ସୋମବାର ଜଳାଭିଷେକ



ପାଇଁ ବହୁ ଦୂରଦୂରାନ୍ତରୁ କାଉଡିଆମାନେ ରବିବାର ରାତି ୧୦ଟା ପାଖରୁ ମନ୍ଦିରରେ ପହଞ୍ଚିବା ଆରମ୍ଭ କରିଛନ୍ତି। ମନ୍ଦିର ପ୍ରଶାସନ ପକ୍ଷରୁ କାଉଡିଆଙ୍କ ସୁବ୍ୟବସ୍ଥା ପାଇଁ ପ୍ରସାଦ ଗୃହରେ ଶୋଇବାର ବ୍ୟବସ୍ଥା, ବ୍ୟାରିକେଡ ଓ ଜଳଯୋଗାଣ ଆଦି ବ୍ୟବସ୍ଥା କରାଯାଇଥିବା ପରିଛା ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଏହାବାଦ ସେମାନଙ୍କ ଜଳଭାର ରଖିବା ପାଇଁ ବାଉଁଶ ଭାଡି ନିର୍ମିତ ହୋଇଥିବା ବେଳେ ସେମାନେ ନିଶୁଳ୍କ ଭାବରେ ଧାଡିରେ ଛିଡାରେ ହୋଇ ବାବା କଖାରୁଆଙ୍କ ପୂଜାର୍ଚ୍ଚନା କରିବା ସହିତ ଜଳାଭିଷେକ କରିଛନ୍ତି। ଦ୍ୱିତୀୟ ସୋମବାରରେ ପୀଠକୁ ଜଳ ନେଇ ଆସୁଥିବା ଓ ପୀଠରୁ ଜଳ ନେଇ ଅନ୍ୟ ଶୈବ ପୀଠକୁ ଯାଉଥିବା ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ପରିଛା ଶ୍ରୀ ପଣ୍ଡା କହିଛନ୍ତି। ମନ୍ଦିର ନିକଟରେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମଧ୍ୟ ସେବା ଯୋଗାଇ ଦିଆଯାଉଥିବା ବେଳେ ରାସ୍ତାର ବିଭିନ୍ନ ଛକ ସ୍ଥାନ ମାନଙ୍କରେ କାଉଡିଆଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସେବା ଯୋଗାଇ ଦିଆଯାଉଛି।



ରାଇରଙ୍ଗପୁର, ୨୮।୭(ସମିସ): ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ପୌର ପରିଷଦ ଅଧୀନ କୁଚେଇବୁଡୀ ମୁର୍ମୁଛକରେ ଥିବା ବାବା ପୂର୍ଣ୍ଣେଶ୍ୱର ମନ୍ଦିର ଠାରେ ପବିତ୍ର ଶ୍ରାବଣ ମାସ ତୃତୀୟ ସୋମବାରରେ କାଉଡିଆଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। କାଉଡିଆମାନେ ବିଭିନ୍ନ ନଦୀନାଳରୁ ଜଳ ଭାର ବୋହି ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ବାବାଙ୍କୁ ଜଳାଭିଷେକ କରିଥିଲେ। ଭକ୍ତଙ୍କ ବୋଲବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବାବା ପୂର୍ଣ୍ଣେଶ୍ୱର ମନ୍ଦିର କମିଟୀ ପକ୍ଷରୁ ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରିଥିଲେ।

